| | | |
|---|---|---|
| ବ୍ୟବସାୟ ନିମନ୍ତେ ବ୍ୟବହୃତ ସରକାରୀ ଜମି | ବ୍ୟବସାୟ କରୁଥିବା ପରିବାର | ଯଦି ସର୍ବସାଧାରଣଙ୍କ ନିମନ୍ତେ ଉଦ୍ଦିଷ୍ଟ ସରକାରୀ ଜମିକୁ ତିନିବର୍ଷ ଧରି ବ୍ୟବସାୟ ନିମନ୍ତେ ଦଖଲ କରାଯାଇଥାଏ ଏବଂ ଦଖଲକାରୀଙ୍କର ନିଜସ୍ୱ ଜମି ନ ଥାଏ ତାଙ୍କୁ ବାସଚ୍ୟୁତ ହିସାବରେ ଗ୍ରହଣ କରାଯିବ ଏବଂ ସେ:-<br>• ସେ ଜାଗାରୁ ଉଠି ଯିବା ପାଇଁ ନୋଟିସ୍ ପାଇବେ।<br>• ବିକଳ୍ପ ଦୋକାନ ଘର କିମ୍ବା ତା ବଦଳରେ ଅର୍ଥ ପାଇବେ।<br>• ଯଦି ବଦଳରେ ଦୋକାନ ନ ପାଇଥାନ୍ତି ସେ ଦୋକାନ ଘର ପାଇଁ କ୍ଷତିପୂରଣ ସହ ଉଦ୍ଧୃତ ଦ୍ରବ୍ୟଗଡିକ ନେଇପାରିବେ ଏବଂ ତାଙ୍କୁ ୧୦ ବର୍ଗ ମିଟର ଜାଗା କିମ୍ବା ଗ୍ରାମାଞ୍ଚଳ ନିମନ୍ତେ ଟ.୨୦,୦୦୦ କିମ୍ବା ସହରାଞ୍ଚଳରେ ହୋଇଥିଲେ ଟ. ୩୦,୦୦୦ ବିକଳ୍ପ ବ୍ୟବସାୟ ଜମି ନିମନ୍ତେ ସହାୟତା ପାଇବେ।<br>• ଜିନିଷ ପତ୍ର ବୋହି ନେବା ସକାଶେ ପରିବହନ ବାବଦରେ ଟ.୧୫୦୦/ର ସହାୟତା ପାଇବେ।<br>• ଭରଣପୋଷଣ ପାଇଁ ଟ ୩୦୦୦/- ଭତ୍ତା ପାଇବେ। |
| ଉଠା/ ଠେଲା ବ୍ୟବସାୟୀ | ବ୍ୟବସାୟୀ | ଉଠା ଦୋକାନ କରି ନିର୍ଦ୍ଦିଷ୍ଟ ସ୍ଥାନରେ ବ୍ୟବସାୟ କରିବା ନିମନ୍ତେ ଲାଇସେନ୍ସ ପାଇଥିବା ବ୍ୟବସାୟୀ :-<br>• ବିକଳ୍ପ ସ୍ଥାନରେ ଉଠା ଦୋକାନ ଏବଂ ଠେଲା ଆରମ୍ଭ କରିବା ପାଇଁ ଟ ୭୫୦୦/- ପାଇବେ।<br>*ବିଶେଷ ଦ୍ରଷ୍ଟବ୍ୟ*: ଯଦି ଏହି ବ୍ୟବସାୟୀ ଗୋଷ୍ଠୀଙ୍କର ସମଷ୍ଟି ୫୦ରୁ ଉର୍ଦ୍ଧ୍ୱ ହୋଇଥାଏ ତେବେ ସେମାନଙ୍କୁ ଯୋଜନା ବଦ୍ଧ ଭାବରେ ଏକ ବିକଳ୍ପ ସ୍ଥାନ ବ୍ୟବସାୟ କେନ୍ଦ୍ର ସହ ଦିଆଯିବ। |
| ସର୍ବସାଧାରଣ ନିମନ୍ତେ ଉଦ୍ଦିଷ୍ଟ ରାସ୍ତା ପାର୍ଶ୍ୱରେ ଥିବା ଗୋଷ୍ଠୀ ସମ୍ପତ୍ତି ଭିତ୍ତିଭୂମି | ସ୍ଥାନୀୟ ଜନବସତିର ବାସିନ୍ଦା | • ସର୍ବସାଧାରଣ ସମ୍ପତ୍ତିଗୁଡିକ ଉପଭୋକ୍ତା ଜନସାଧାରଣଙ୍କ ସହ ଆଲୋଚନା ମାଧ୍ୟମରେ ସ୍ଥାନାନ୍ତର ଓ ଥଇଥାନ କରାଯିବ।<br>• ସାଧାରଣ ଭିତ୍ତିଭୂମି ଗୁଡିକ ବିକଳ୍ପ ସ୍ଥାନରେ ଥଇଥାନ ପାଇଁ ଜନସାଧାରଣଙ୍କ ସହ ପରାମର୍ଶ କରାଯିବା ସଙ୍ଗେ ସଙ୍ଗେ ଜିଲ୍ଲା/ସହର ତଥା ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟରେ ନିୟୋଜିତ ଥିବା ସରକାରୀ ସଂସ୍ଥା ସହିତ ପରାମର୍ଶ କରାଯାଇ ପୁନର୍ଗଠନ କରାଯିବ। |
| ପୂର୍ବରୁ ଆକଳନ ହୋଇପାରିନଥିବା କ୍ଷତି/ପ୍ରଭାବ। | ସ୍ଥାନୀୟ ବାସିନ୍ଦା/ବ୍ୟକ୍ତି ବଶେଷ | ପକଳ୍ପ ଯୋଗୁଁ ପୂର୍ବରୁ ଦର୍ଶାଯାଇନଥିବା କୌଣସି ଅଦୃଷ୍ଟ କ୍ଷତି/ପ୍ରଭାବ ର ନିରାକରଣ ଓଡ଼ିଶା ପୁନର୍ବସତି ଏବଂ ଥଇଥାନ ନୀତି ୨୦୦୬ ଅନୁଯାୟୀ ସମାଧାନ କରାଯିବ। |

:ବିଶେଷ ଦ୍ରଷ୍ଟବ୍ୟ:

(୧) ଏହି ପ୍ରକଳ୍ପ ନିମନ୍ତେ ଜମି ଅଧିଗ୍ରହଣ ଆରମ୍ଭ ହେବାର ୩ ବର୍ଷ ପୂର୍ବ ସମୟକୁ ସମୟ ସୀମା (Cut-off-date) ରୂପେ ନିର୍ଦ୍ଧାରିତ କରାଯାଇଛି । ସମୟ ସୀମା (Cut-off-date) ପୂର୍ବରୁ ଜମି ଓ ଗୃହର ଅବସ୍ଥିତି ଓ ଏହି ତାରିଖ ପର୍ଯ୍ୟନ୍ତ ଜବର ଦଖଲ୍ ର ସ୍ଥିତି ଏହି ଥଇଥାନ ବ୍ୟବସ୍ଥାର ଅନ୍ତର୍ଭୁକ୍ତ ଅଟେ । ଏହି ସମୟ ସୀମା ପରବର୍ତ୍ତୀ ନିର୍ମିତ ଗୃହ/ ଢ଼ାଞ୍ଚା ଓ ଜବର୍‌ଦଖଲକୁ ପୁନର୍ବସତି ଓ ଥଇଥାନ ସହାୟତା ବ୍ୟବସ୍ଥାର ପରିସରଭୁକ୍ତ କରାଯିବ ନାହିଁ।

(୨) ପୁନର୍ବସତି ଓ ଥଇଥାନ କ୍ଷତିପୂରଣ ବ୍ୟବସ୍ଥା ସମ୍ପର୍କୀୟ ଅଭିଯୋଗ ନିମନ୍ତେ, ପ୍ରଭାବିତ ବ୍ୟକ୍ତି ବିଶେଷ, ସମ୍ପୃକ୍ତ ଗ୍ରାମ୍ୟ କମିଟି/ ପ୍ୟାକେଜ୍ ମ୍ୟାନଜର (ସମ୍ପୃକ୍ତ ନିର୍ବାହୀ ଯନ୍ତ୍ରୀ)/ଜିଲ୍ଲାସ୍ତରୀୟ ଅଭିଯୋଗ ନିରାକରଣ କମିଟି (ଜିଲ୍ଲାପାଳ)/ମୁଖ୍ୟଯନ୍ତ୍ରୀ, ବିଶ୍ୱବ୍ୟାଙ୍କ ପ୍ରକଳ୍ପ, ଓଡ଼ିଶା/ ପୁନଃବସତି ଓ ଆଞ୍ଚଳିକ ଉନ୍ନୟନ ଉପଦେଷ୍ଟା କମିଟି (ରାଜସ୍ୱ କମିଶନର) ଙ୍କ ପାଖରେ ଦରଖାସ୍ତ କରିପାରିବେ।

(୩) ଓଡ଼ିଶା ସରକାରଙ୍କଦ୍ୱାରା ଅନୁମୋଦିତ ଏହି ପୁନଃବସତି ଓ ଥଇଥାନ କ୍ଷତିପୂରଣ ବ୍ୟବସ୍ଥାରେ ଦିଆଯାଇଥିବା ସହାୟତା ରାଶିକୁ ଓଡ଼ିଶା ସରକାରଙ୍କ ଜ୍ଞାପକ ସଂଖ୍ୟା R&REH-60/12-31780/R&DM Dt.01.07.2012 ଅନୁଯାୟୀ ପରିବର୍ଦ୍ଧିତ ଓ ସଂଶୋଧିତ କରାଯାଇଛି।

**ଡଃ ନଳିନୀ କାନ୍ତ ପ୍ରଧାନ**
**ମୁଖ୍ୟଯନ୍ତ୍ରୀ, ଓଡ଼ିଶା ରାଜ୍ୟ ସଡ଼କ ପ୍ରକଳ୍ପ**

ପୂର୍ତ୍ତ ବିଭାଗ, ଓଡିଶା ସରକାର

# ଓଡ଼ିଶା ରାଜ୍ୟ ସଡ଼କ ପ୍ରକଳ୍ପ
# (ବିଶ୍ୱବ୍ୟାଙ୍କ ସହାୟତାରେ ପରିଚାଳିତ)

# ପୁନର୍ବସତି ଓ ଥଇଥାନ ସହାୟତା ବ୍ୟବସ୍ଥା

**ପ୍ରସ୍ତୁତି: ପ୍ରକଳ୍ପ ପରିଚାଳନା ୟୁନିଟ୍ (P.M.U)**
**ନିର୍ମାଣ ସୌଧ, ୟୁନିଟ୍-୫, ଭୁବନେଶ୍ୱର**

# ଓଡ଼ିଶା ରାଜ୍ୟ ସଡ଼କ ପ୍ରକଳ୍ପ ଦ୍ୱାରା ପ୍ରସ୍ତୁତ ପୁନର୍ବସତି ଓ ଥଇଥାନ ସହାୟତା ବ୍ୟବସ୍ଥା
## (ଓଡ଼ିଶା ସରକାରଙ୍କ ଦ୍ୱାରା ଅନୁମୋଦିତ)

| କ୍ଷତିର ପ୍ରକାର | ହିତାଧିକାରିଙ୍କ ସଂଜ୍ଞା | ପୁନର୍ବସତି ଓ ଥଇଥାନ ବ୍ୟବସ୍ଥା |
|---|---|---|
| କୃଷି ଜମି | ମାଲିକାନା ସତ୍ତ୍ୱ ଥିବା ପରିବାର | ୧) ଜମି ଅଧିଗ୍ରହଣ ନିୟମ ମୁତାବକ କ୍ଷତିପୂରଣ ଦିଆଯିବ।<br>୨) ଏତଦ୍ ବ୍ୟତୀତ ପୁନର୍ବାସ ଓ ଥଇଥାନ ନିମନ୍ତେ ଜଳସେଚିତ, ଜମି ପାଇଁ ଏକର ପିଛା ୧,୫୦,୦୦୦/-ଟଙ୍କା ଏବଂ ଅଣ ଜଳସେଚିତ ପାଇଁ ୭୫,୦୦୦/-ଟଙ୍କା ଜମି ହରାଉଥିବା ଚାଷୀଙ୍କୁ ମିଳିବ । ସାନ୍ନ୍ୟ ଜମି ହରାଉଥିବା ଚାଷୀଙ୍କୁ ଅତିକମ୍‌ରେ ୨୫୦୦/-ଟଙ୍କାର ସହାୟତା ପ୍ରଦାନ କରାଯିବ।<br>୩) ଯଦି ଜମି ବଦଳରେ ଜମି ଯୋଗାଇ ଦିଆଯାଏ ସେହି କ୍ଷେତ୍ରରେ ମୂଳ କ୍ଷତିପୂରଣ ଓ ପୁନର୍ବସତି ସାହାଯ୍ୟରୁ ସମାନୁପାତିକ ଅର୍ଥ ବାଦ୍ ଦିଆଯିବ।<br>୪) ଅନ୍ୟାନ୍ୟ ସହୟତା।<br>• ଫସଲ କଟା ପୂର୍ବରୁ ଅତିକମ୍‌ରେ ୩ ମାସର ଅଗ୍ରୀମ ନୋଟିସ ଜାରୀ କରାଯିବ।<br>• ଅଗ୍ରୀମ ନୋଟିସ ଦିଆନଗଲେ ଫସଲ ବାବଦକୁ କ୍ଷତିପୂରଣର ଦିଆଯିବ। |
| | ଭାଗଚାଷୀ | କ୍ଷତି ଗ୍ରସ୍ତ ଭାଗ ଚାଷୀ ତାଙ୍କର ଅବଶିଷ୍ଟ ଲିଜ୍ ସମୟ ସୀମା ନମନ୍ତେ କ୍ଷତିପୂରଣ ପାଇବେ। |
| ଘରବାରୀ କିମ୍ବା ଅଣ କୃଷି ଜମି | ମାଲିକାନା ସତ୍ତ୍ୱଧାରୀ | ୧) ଜମି ଅଧିଗ୍ରହଣ ନିୟମ ମୁତାବକ ହରାଉଥିବା ଘରବାରିର କ୍ଷତିପୂରଣ ଦିଆଯିବ।<br>୨) କୌଣସି ଘରର ଏକ ତୃତୀୟାଂଶରୁ ଅଧିକ ସ୍ଥାନ ଅଧିଗ୍ରହଣ ହେଲେ ସେହି ପ୍ରଭାବିତ ମାଲିକଙ୍କୁ ବାସଚ୍ୟୁତ ହିସାବରେ ଗ୍ରହଣ କରାଯିବ।<br>୩) ଯେଉଁମାନେ ବାସଚ୍ୟୁତ ନ ହୋଇ ମଧ୍ୟ କ୍ଷତି ଗ୍ରସ୍ତ ହେଉଥିବେ ସେମାନେ ଜମି ଓ ଗୃହ ର ଅଧିଗୃହିତ ଅଂଶ ସକାଶେ ଭୂଅର୍ଜନ ଆଇନ ଅନୁଯାୟୀ ଉପଯୁକ୍ତ କ୍ଷତିପୂରଣ ପାଇବା ସଙ୍ଗେ ସଙ୍ଗେ କେବଳ ଗୃହ ନିମନ୍ତେ ଗ୍ରହଣ କରିଥିବା କ୍ଷତିପୁରଣର ୨୫% ଭାଗ ମରାମତି ନିମନ୍ତେ ସହାୟତା ରୁପେ ପାଇବେ ଓ ଉଦ୍ଧାର ଯୋଗ୍ୟ ଗୃହ ନିର୍ମାଣ ଉପକରଣଗୁଡ଼ିକ ନେବା ପାଇଁ ଅନୁମତି ପାଇବେ।<br>୪) ବାସଚ୍ୟୁତ ହେଉଥିବା ବ୍ୟକ୍ତି ଭୂଅର୍ଜନ ଆଇନ ଅନୁଯାୟୀ ବାସଗୃହର ମୂଲ୍ୟ ହ୍ରାସ ନକରି ସରକାରଙ୍କ ନିର୍ଦ୍ଧାରିତ ମୂଲ୍ୟ ଅନୁଯାୟୀ (ଆଂଶିକ ବା ସମ୍ପୂର୍ଣ୍ଣ) କ୍ଷତିପୁରଣ ପାଇବା ସଙ୍ଗେ ସଙ୍ଗେ :-<br>• ସ୍ଥାନାନ୍ତର ସମୟରେ ଉଦ୍ଧାର ଯୋଗ୍ୟ ଗୃହ ନିର୍ମାଣ ଉପକରଣଗୁଡ଼ିକ ନେବା ପାଇଁ ଅନୁମତି ପାଇବେ।<br>• ପ୍ରତି ବଦଳରେ ବାସ ଉପୋଯୋଗୀ ଜମି ( ଗ୍ରାମାଞ୍ଚଳରେ ୧/୧୦ ଏକର କିମ୍ବା ସହରାଞ୍ଚଳରେ ୧/୨୫ ଏକର) କିମ୍ବା ଜମି ବଦଳରେ ଟ ୭୫,୦୦୦/- ସହାୟତା ପାଇବେ।<br>• ଗୃହ ନିର୍ମାଣ ନିମନ୍ତେ ଟ ୨,୭୦,୦୦୦/- ସହାୟତା ପାଇବେ।<br>୫) ଅନ୍ୟାନ୍ୟ ସାହାଯ୍ୟ:-<br>• ଘର ଛାଡିବା ଦିନଠାରୁ ଏକ ବର୍ଷ ପର୍ଯ୍ୟନ୍ତ ମାସିକ ଟ ୩୦୦୦/- ଭରଣ ପୋଷଣ ଭତ୍ତା ପାଇବେ।<br>• ଅସ୍ଥାୟୀ ଗୃହ ନିର୍ମାଣ ପାଇଁ ଟ ୧୫,୦୦୦/ ପାଇବେ।<br>• ଯାତାୟାତ / ପରିବହନ ଖର୍ଚ୍ଚ ବାବଦକୁ ଟ ୩,୦୦୦/- ପାଇବେ। |
| | ଭଡା/ଲିଜ୍ ଧାରି ବ୍ୟକ୍ତି | କେବଳ ବାସଚ୍ୟୁତ ହେଉଥିବା ଭଡା/ଲିଜ୍‌ରେ ରହୁଥିବା ବ୍ୟକ୍ତି ନିମ୍ନମତେ ସହାୟତା ପାଇବେ:-<br>• ପ୍ରକଳ୍ପ ଯୋଗୁଁ ଅବ୍ୟବସ୍ଥିତ ହେଉଥିବା ନିମନ୍ତେ ୨ ମାସର ଭଡା ବା ଟ. ୭୫୦୦ ମଧ୍ୟରୁ ଯେଉଁଟି ଅଧିକ ସହାୟତା ପାଇବେ।<br>• ଗୃହ ଉପୋଯୋଗୀ ବସ୍ତୁର ଚାଲାଣ ତଥା ପରିବହନ ପାଇଁ ଟ.୩୦୦୦/-। |
| ବ୍ୟବସାୟ ନିମନ୍ତେ ବ୍ୟବହୃତ ଜମି | ମାଲିକାନା ସତ୍ତ୍ୱଧାରୀ ଏବଂ ଭୋଗ ଦଖଲକାରୀ ବ୍ୟକ୍ତି | ୧) ବ୍ୟବସାୟ ପାଇଁ ବ୍ୟବହୃତ, ଜମି ନିମନ୍ତେ ଭୂଅର୍ଜନ ଆଇନ ଅନୁଯାୟୀ କ୍ଷତିପୂରଣ ପାଇବେ।<br>୨) ନିର୍ମିତ ଘର (ପୁରା କିମ୍ବା ଆଂଶିକ) ନିମନ୍ତେ ଭୂଅର୍ଜନ ଆଇନ ଅନୁଯାୟୀ ମୂଲ୍ୟ ହ୍ରାସ ନକରି ସରକାରଙ୍କ ନିର୍ଦ୍ଧାରିତ ମୂଲ୍ୟରେ କ୍ଷତିପୂରଣ ପାଇବେ।<br>୩) ଉଦ୍ଧାର ଯୋଗ୍ୟ ଗୃହ ନିର୍ମାଣ ଉପକରଣଗୁଡ଼ିକ ନେବା ପାଇଁ ଅନୁମତି ଦିଆଯିବ।<br>୪) ବ୍ୟବସାୟ ଗୃହର ଏକ ତୃତୀୟାଂଶ ରୁ ଅଧିକ ସ୍ଥାନ ଅଧିଗୃହୀତହେଲେ ସଂପୂର୍ଣ୍ଣ ବିସ୍ଥାପିତ ରୂପେ ପରିଗଣିତ ହେବେ।<br>୫) ଯୋଜନା ଦ୍ୱାରା କ୍ଷତିଗ୍ରସ୍ତ କିନ୍ତୁ ବାସଚ୍ୟୁତ ହେଉ ନଥିବା ବ୍ୟକ୍ତି ଭୂଅର୍ଜନ ଆଇନ ଅନୁଯାୟୀ ଗୃହର ମୂଲ୍ୟ ହ୍ରାସ ନ କରି କ୍ଷତିପୂରଣ ପାଇବା ସଙ୍ଗେ ସଙ୍ଗେ କେବଳ ଗୃହର କ୍ଷତିପୁରଣର ୨୫% ଭାଗ ମରାମତି ସହାୟତା ପାଇବେ।<br>୬) ବାସଚ୍ୟୁତମାନେ ନିମ୍ନମତେ ସହାୟତା ପାଇବେ:-<br>• ୧୦ ବର୍ଗମିଟର ଜମି କିମ୍ବା ଟ.୧୫,୦୦୦/ ଏବଂ<br>୭) ଘର ତିଆରୀ ବାବଦକୁ ଟ ୩୭୫୦୦/- ସହାୟତା ।<br>୮) ଅପରପକ୍ଷେ, ଯଦି ଯୋଜନା ମାଧ୍ୟମରେ ଦୋକାନ/କର୍ମସ୍ଥଳୀ ଯୋଗାଇଦେବାର ବ୍ୟବସ୍ଥା କରାଯାଏ ତେବେ ଅନୁଦାନ ପାଇବା ପାଇଁ ହକ୍ ଦାର ହେବେ ନାହିଁ।<br>୯) ଅନ୍ୟାନ୍ୟ ସହାୟତା।<br>• ଜାଗା ଖାଲି କଲାପରେ ଟ ୩୦୦୦/ ର ମଧ୍ୟବର୍ତ୍ତୀ କାଳିନ ସହୟତା।<br>• ପରିବହନ ସହାୟତା ବାବଦକୁ ଟ.୧୫୦୦/-। |
| | ମାଲିକାନା ସତ୍ତ୍ୱଧାରୀ ବ୍ୟକ୍ତି ଓ ଭୋଗ ଦଖଲକାରୀ ଭିନ୍ନ ହୋଇଥିଲେ<br>କ) ମାଲିକାନା ସତ୍ୱଧାରୀ ବ୍ୟକ୍ତି | ୧) ଜମି ଏବଂ ନିର୍ମିତ ଗୃହ ପାଇଁ କ୍ଷତିପୂରଣ ପାଇବେ।<br>୨) ଭଙ୍ଗା ଯାଇଥିବା ଗୃହରୁ ନିର୍ମାଣରେ ବ୍ୟବହୃତ ଉପକରଣଗୁଡିକ ସଂଗ୍ରହ କରିପାରିବେ।<br>୩) ଗୃହରୁ ଆଦାୟ ଯୋଗ୍ୟ ଭଡା ହରାଉଥିବା ନିମନ୍ତେ ୬ ମାସର ଭଡା ବା ଟ.୧୦.୦୦୦ ମଧ୍ୟରୁ ଯେଉଁଟି ଅଧିକ। |
| | ଭଡା/ଲିଜଧାରୀ ବ୍ୟକ୍ତି | କେବଳ ବାସଚ୍ୟୁତହେଉଥିବା ଭଡା/ଲିଜଧାରୀ ବ୍ୟକ୍ତି :-<br>• ପ୍ରକଳ୍ପ ଯୋଗୁଁ ଅବ୍ୟବସ୍ଥିତ ହେଉଥିବା ନିମନ୍ତେ ଦୁଇମାସର ଭଡା କିମ୍ବା ଟ.୪୦୦୦ ମଧ୍ୟରୁ ଯେଉଁଟି ଅଧିକ ସହାୟତା ରୂପେ ପାଇବେ ।<br>• ପରିବହନ ସହାୟତା ବାବଦକୁ ଟ.୧୫୦୦/- । |
| ଅନ୍ୟାନ୍ୟ ସମ୍ପତ୍ତି | ମାଲିକାନା ସତ୍ତ୍ୱ ଧାରୀ ପ୍ରଭାବିତ ପରିବାର | କ୍ଷତିଗ୍ରସ୍ତ ହେଉଥିବା ଅନ୍ୟାନ୍ୟ ସମ୍ପତ୍ତିର ପୁନଃ ସ୍ଥାପନ ମୂଲ୍ୟ ଭୂଅର୍ଜନ କ୍ଷତିପୁରଣ ଆକାରରେ ପାଇବେ । |
| ଜବରଦଖଲରେ ଥିବା କୃଷି ଜମି । | ଜବରଦଖଲକାରି ପରିବାର । | ଯଦି କୌଣସି ବ୍ୟକ୍ତି ସରକାରୀ ଜମିକୁ ଚାଷ ପାଇଁ ବିଗତ ତିନି ବର୍ଷ ଧରି ବ୍ୟବହାର କରୁଥାନ୍ତି, ଏବଂ ଏହି ଜମି ଉପରେ ନିର୍ଭର କରି ନିଜର ଜୀବିକା ନିର୍ବାହ କରୁଥାନ୍ତି ଏବଂ ସେ ସମାଜର ଦୁର୍ବଳ ଶ୍ରେଣୀର ବ୍ୟକ୍ତି ହୋଇଥାନ୍ତି ତେବେ ତାଙ୍କୁ ସ୍ଥାନୀୟ ସରକାରୀ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇ ଆତ୍ମନିଯୁକ୍ତିର ବ୍ୟବସ୍ଥା କରିବାରେ ସହାୟତା କିମ୍ବା ଟ. ୨୫,୦୦୦/- ଆୟ ଉତ୍ପାଦନକାରୀ ବ୍ୟବସାୟରେ ବିନିଯୋଗ ନିମନ୍ତେ ଦିଆଯାଇପାରିବ । |
| ଜବରଦଖଲ ଥିବା ଅଣ କୃଷି ଜମି | ଜବର ଦଖଲକାରି ପରିବାର | ଯଦି ଜବର ଦଖଲ ଜମିକୁ ବାସସ୍ଥାନ କିମ୍ବା ବ୍ୟବସାୟୀକ କାର୍ଯ୍ୟ ସକାଶେ ଦଖଲ କରାଯାଇଥାଏ ଏବଂ ନିର୍ମିତ ଗୃହର ଏକ ତୃତୀୟାଂଶ ଭାଗ (ନିଜ ଜମି ସହ) ଅଧିଗ୍ରହଣ କରାଯାଏ, ସେ ଅନ୍ୟାନ୍ୟ ଘରୋଇ ଜମି ଏବଂ ବାସଚ୍ୟୁତ ହୋଇଥିବା ଜମି ମାଲିକ ଏବଂ ସେମାନଙ୍କ ଘର ପାଇଁ ପାଉଥିବା ସହାୟତାର ସମପରିମାଣ ପୁନର୍ବାସ ଓ ଥଇଥାନ ସହାୟତା (ଜବର ଦଖଲ ଜମିର କ୍ଷତିପୂରଣ ଅଂଶକୁ ବାଦ୍ ଦେଇ ) ପାଇବେ। |
| ବସବାସ ନିମନ୍ତେ ବ୍ୟବହୃତ ସରକାରୀ ଜମି | ବସବାସ କରୁଥିବା ପରିବାର | ଯଦି ଜନସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ ସରକାରୀ ଜମିକୁ କୌଣସି ବ୍ୟକ୍ତି ବାସସ୍ଥାନ ରୂପେ ତିନିବର୍ଷ ଧରି ଦଖଲ କରୁଥାନ୍ତି ଏବଂ ତାଙ୍କୁ ବାସସ୍ଥାନ ହରାଇବାକୁ ପଡୁଥାଏ ଏବଂ ସେହି ବ୍ୟକ୍ତିଙ୍କର ନିଜର କୌଣସି ବାସସ୍ଥାନ ନ ଥାଏ ତାଙ୍କୁ ବାସଚ୍ୟୁତ ହିସାବରେ ଗ୍ରହଣ କରାଯିବ ଏବଂ ସେ:-<br>• ଘର ଉଠାଇବା ପାଇଁ ନୋଟିସ୍ ପାଇବେ।<br>• ଘର ପାଇଁ ସରକାରଙ୍କ ଯୋଜନା ମାଧ୍ୟମରେ ବାସଗୃହ କିମ୍ବା ତାହା ବଦଳରେ ଅର୍ଥ ପାଇବେ।<br>• ଯଦି ଘର ଯୋଗାଇ ଦିଆନଯାଏ ତେବେ ଘର ପାଇଁ କ୍ଷତିପୂରଣ ଏବଂ ବାସ ଉପଯୋଗୀ ଜମି କିମ୍ବା ଗ୍ରାମାଞ୍ଚଳ ନିମନ୍ତେ ଟ.୨୫,୦୦୦ ଓ ସହରାଞ୍ଚଳ ନିମନ୍ତେ ଟ. ୪୦,୦୦୦ ର ବିକଳ୍ପ ବାସୋପଯୋଗି ଜମି ନିମନ୍ତେ ସହାୟତା ପାଇବେ।<br>• ଟ.୩୦୦୦/- ଜିନିଷ ପତ୍ର ପରିବହନ ସହାୟତା ପାଇବେ।<br>• ମାସିକ ଟ.୧୫୦୦/ ହିସାବରେ ୬ ମାସର ଭରଣ ପୋଷଣ ଭତ୍ତା ପାଇବେ। |